**Series ONS** | **SET-4**

**Code No. 13**

**Roll No.** | | | | | | | |

Candidates must write the Code on the title page of the answer-book.

- Please check that this question paper contains **5** printed pages.
- Code number given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **9** questions.
- **Please write down the Serial Number of the question before attempting it.**
- 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

# ଓଡ଼ିଆ
# ODIA

*ସମୟ : 3 ଘଣ୍ଟା* | *ପୂର୍ଣ୍ଣ ସଂଖ୍ୟା : 100*
*Time allowed : 3 hours* | *Maximum Marks : 100*

## 'କ' ବିଭାଗ

1. ନିମ୍ନଲିଖିତ ଅନୁଚ୍ଛେଦଟିକୁ ପାଠକରି ପ୍ରଦତ୍ତ ପ୍ରଶ୍ନ ଗୁଡିକର ଉତ୍ତର ଦିଅ । **5x2=10**

ସମାଲୋଚନା ଶବ୍ଦଟି ଶୁଣିଲେ ଆଜିକାଲି କାହିଁକି ଏକପ୍ରକାର ଭୟ ମନରେ ସଂଜାତ ହୁଏ । ଏଥିର ହେତୁ ଅନୁମାନ କଲେ ବୁଝାଯାଏ ଯେ, ଆଜିକାଲି ଏହି ଶବ୍ଦକୁ ଉତ୍କଳରେ ଅନେକ ଅପଢା ପଣ୍ଡିତ କଳଙ୍କିତ କରି ଅଛନ୍ତି । ଜଗତର ସର୍ବପ୍ରକାର ଉନ୍ନତିର ମୂଳକାରଣ ଶିକ୍ଷା । ଶିକ୍ଷାର ସମସ୍ତ ବିଭାଗ ମଧ୍ୟରେ ଅଧ୍ୟୟନ ଓ ଉପଦେଶ ଶ୍ରବଣ ପ୍ରଧାନ, କାରଣ ଏହି ଦୁଇଗୋଟି ବିଷୟ ମନୁଷ୍ୟର ଉଦ୍ୟମ ଓ ଯତ୍ନର ସାପେକ୍ଷ । କେତେକ ଦାର୍ଶନିକଙ୍କ ମତରେ ମନୁଷ୍ୟଠାରେ ଜନ୍ମଗତ ପ୍ରବୃତ୍ତି ଅଳ୍ପ ଏବଂ ପଶୁମାନଙ୍କ ଠାରେ ତାହା ଅଧିକ । ଅଧ୍ୟୟନ ପ୍ରବୃତ୍ତି ମନୁଷ୍ୟର ବୋଧ ଶକ୍ତି, ଧାରଣାଶକ୍ତି, ବୁଦ୍ଧି ଓ ଜ୍ଞାନକୁ ଉଜ୍ଜ୍ୱଳ କରେ । ଏହି ସଂସାରରେ ଯେତେ ଅଦ୍ଭୁତ କର୍ମ ଦେଖୁଅଛ, କରୁଅଛ ବା କରିବାକୁ ଆଶା କରିଅଛ, ସେ ସବୁର ମୂଳ ଅଧ୍ୟୟନ । କ୍ଷୀଣକାୟ ବ୍ୟକ୍ତି ବ୍ୟାୟାମଦ୍ୱାରା ଯେପରି ଶରୀରର ମାଂସ ଓ ବୀର୍ଯ୍ୟ ବୃଦ୍ଧି କରିପାରେ, ସେହି ପରି ପରିଶ୍ରମ ସ୍ୱୀକାର କରି ମାନସିକ ପରିଚାଳନ କଲେ ବୁଦ୍ଧି ଉଜ୍ଜ୍ୱଳ ଓ ପ୍ରଶସ୍ତ ହୋଇପାରିବ । ଜଗତରେ ଏପରି ଦେଖାଯାଏ ଯେ, ମନୁଷ୍ୟମାନଙ୍କର ସମାନ ବୁଦ୍ଧି ନୁହେଁ, ଅତଏବ ସମାନ କୌଶଳ ନୁହେଁ ଓ ସମାନ କାର୍ଯ୍ୟ ନୁହେଁ କିମ୍ବା କାର୍ଯ୍ୟରେ ସମସ୍ତଙ୍କୁ ସମାନ ପୁରସ୍କାର ମିଳେ ନାହିଁ । ଭିନ୍ନ ଭିନ୍ନ ମନୁଷ୍ୟର ଭିନ୍ନ ଭିନ୍ନ ରୁଚି, ଭିନ୍ନ ଭିନ୍ନ ଶ୍ରେଣୀର ବିଭିନ୍ନ ରୁଚି ଓ ଭିନ୍ନ ଭିନ୍ନ ଜାତିର ଭିନ୍ନ ଭିନ୍ନ ରୁଚି ।

(କ) ଅଧ୍ୟୟନ ପ୍ରବୃତ୍ତି ମନୁଷ୍ୟର କେଉଁ ଗୁଣକୁ ଉଜ୍ଜ୍ୱଳ କରେ ?

(ଖ) ସମାଲୋଚନ ଶବ୍ଦକୁ କେଉଁ ମାନେ କଳଙ୍କିତ କରିଛନ୍ତି ?

(ଗ) ବୁଦ୍ଧି କିପରି ଉଜ୍ଜ୍ୱଳ ଓ ପ୍ରଶସ୍ତ ହୋଇପାରିବ?

(ଘ) କେତେକ ଦାର୍ଶନିକ କ'ଣମନେ କରନ୍ତି?

(ଙ) ଶିକ୍ଷାର ସମସ୍ତ ବିଭାଗ ମଧ୍ୟରେ ଅଧ୍ୟୟନ ଓ ଉପଦେଶ ଶ୍ରବଣ ପ୍ରଧାନ କାହିଁକି?

## 'ଖ' ବିଭାଗ

2. ଯେ କୌଣସି **ଗୋଟିଏ** ବିଷୟରେ ପ୍ରବନ୍ଧ ଲେଖ (ଶବ୍ଦସଂଖ୍ୟା **250** ରୁ **300**) **12**

(କ) ସମାଜ ଗଠନରେ ଯୁବଶକ୍ତିର ଭୂମିକା ।

(ଖ) ସମୟାନୁବର୍ତ୍ତିତା ।

(ଗ) ସାଂପ୍ରତିକ ପରିସ୍ଥିତିରେ ନୈତିକ ଶିକ୍ଷାର ଉପଯୋଗିତା ।

3. ତୁମ ଅଚଂଳରେ ଅକାମୀ ହୋଇପଡିଥିବା ନଳକୂପର ମରାମତି ପାଇଁ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅନୁରୋଧ ଜଣାଇ ଲେଖ । **8**

**କିମ୍ବା**

ତୁମ ଅଚଂଳରେ ଗୋଟିଏ ପ୍ରୌଢ଼ ଶିକ୍ଷାକେନ୍ଦ୍ର ଖୋଲିବାପାଇଁ ଜନଶିକ୍ଷା କାର୍ଯ୍ୟକ୍ରମ ଅଧିକାରୀଙ୍କ ନିକଟକୁ ଏକ ଦରଖାସ୍ତ ଲେଖ ।

## 'ଗ' ବିଭାଗ

4. (କ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖ । (5 ଟିର) **5x1=5**

ଉତ୍କର୍ଷ, ଗୁଣୀ, ଜୁଆର, ତୁଷ୍ଟ, ବନ୍ଧନ, ଘନ, ଖାତକ

(ଖ) ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦ ଗୁଡ଼ିକର ଅର୍ଥ ଲେଖ । (5 ଟିର) **5x1=5**

ଅଂଶ-ଅଂସ, ଚିର-ଚୀର, ବନ୍ଦନ-ବନ୍ଧନ, ପରିଚ୍ଛଦ-ପରିଚ୍ଛେଦ, ତରଣୀ-ତରଣି, ଚୂତ-ଚ୍ୟୁତ, ଶିର-ସୀର

(ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଭ୍ରମ ସଂଶୋଧନ କର । (5 ଟିର) **5x1=5**

ଅପୁତ୍ରିକ, ପୌରହିତ୍ୟ, ସାଙ୍ଗପାଙ୍ଗ, ପ୍ରତ୍ୟୋହ, ଦୂରାବସ୍ଥା, ସାହାର୍ଯ୍ୟ, କୃତୀତ୍ୱ ।

(ଘ) ଏକ ପଦରେ ପ୍ରକାଶ କର (5 ଟିର) **5x1=5**

କୂଳର ସମୀପ, ବିଗତ ପତ୍ନୀ ଯାହାର, କହିବାର ଇଚ୍ଛା, ଦଣ୍ଡପରି ଠିଆହୋଇଥିବା, ବାରମ୍ବାର ଦୀପ୍ତ ହେଉଥିବା, ଯହା ଛାଦନ କରେ, ପରକୁ ତାପ ଦିଏ ଯେ ।

## ‘ଘ’ ବିଭାଗ

5. ମଣିଷ ଜୀବନରେ କ୍ଷମାର ଉପାଦେୟତା ଓ ଆବଶ୍ୟକତା ବିଷୟରେ ମତାମତ ପ୍ରଦାନ କର । **10**

**କିମ୍ବା**

‘ଜାତିର ଜୀବନ ଓ ସଂସ୍କୃତି’ ପ୍ରବନ୍ଧ ଅବଲମ୍ବନରେ ଭାରତୀୟ ସଂସ୍କୃତିର ସ୍ୱରୂପ ଓ ମହତ୍ତ୍ୱ ସମ୍ବନ୍ଧରେ ଆଲୋଚନା କର ।

6. ‘ବିଶ୍ୱଜୀବନ ପଥେ’ କବିତା ଅବଲମ୍ବନରେ ଗୋପବନ୍ଧୁ ଚରିତ୍ରର ବିଶେଷତ୍ୱ ଦର୍ଶାଅ । **8**

**କିମ୍ବା**

‘ଗ୍ରାମ୍ୟ ଶ୍ମଶାନ’ କବିତାରୁ ଗ୍ରାମ୍ୟଜୀବନ ସଂପର୍କରେ କବିଙ୍କ ବାସ୍ତବ ଅନୁଭୂତିର ଉଲ୍ଲେଖ କର ।

7. (କ) ସପ୍ରସଙ୍ଗ ସରଳାର୍ଥ ଲେଖ । **2x6=12**

ଜାଣିସୁଣି ଭୁଲକରିବା, ଭୁଲକରି ଭୁଲସ୍ୱୀକାର ନକରିବା ଅଥବା ଭୁଲ କରି ସାରିଲା ପରେ ସେଥିପାଇଁ ନିର୍ଦ୍ଦିଷ୍ଟ ଫଳ ଭୋଗ କରିବାରେ କୁଣ୍ଠାବୋଧ କରିବା କିନ୍ତୁ ନିନ୍ଦନୀୟ ।

**କିମ୍ବା**

ଜାତିୟ ସାହିତ୍ୟ ଜାତୀୟ ଜୀବନର ଆକାଂକ୍ଷାର ବହିରାକୃତି, ଆଶାର ବହିଃପ୍ରକାଶ ।

(ଖ) ଯେ ଅଟେ ଜଗତ ଜନର
ମନ-ନୟନ-କାରା
ଅପ୍ରକଟ ହୋଇ ରହିବା
ପାଇଁ କାହିଁ ତା ଚାରା?

**କିମ୍ବା**

ଏକର ବିନାଶେ ଅନେକ ପ୍ରକାଶେ
    ସୃଷ୍ଟିର ଏ ନିତ୍ୟବିଧି
ଏକର ଯା କ୍ଷୟ ଅନେକ ଉଦୟ
    ଅନେକ ଏକର ସିଦ୍ଧି

8. ସଂକ୍ଷେପରେ ଉତ୍ତର ଲେଖ - (5 ଟିର) **5x2=10**

(କ) ବନ୍ୟାଞ୍ଚଳ ରୁ ଫେରି ଗୋପବନ୍ଧୁ ପତ୍ନୀଙ୍କୁ କିପରି ସାନ୍ତ୍ୱନା ଦେଇଥିଲେ?

(ଖ) ବିଶ୍ୱହିତ ପାଇଁ କେଉଁ ମହାମୁନି, କଣ କହି ନିଜଅସ୍ଥି ଦାନ କରିଥିଲେ?

(ଗ) ରାଜା କେତେବେଳେ ପରମାରାଧ୍ୟ ରୁପେ ବିବେଚିତ ହେବେ?

(ଘ) ଚନ୍ଦ୍ରଭାଗାଙ୍କ ଜନନୀ ବାଲ୍ୟ ସମୟରେ କେଉଁଠି ଥିଲେ?

(ଙ) ଜାତି ଗଠନର ତିନୋଟି ପ୍ରଧାନ କାରଣ କଣ?

(ଚ) ପ୍ରତିହିଂସା କଣ କରିଥାଏ?

(ଛ) ଆଦାମ୍ ଓ ଇଭ୍‌ଙ୍କୁ ଇଡ଼େନ ଉପବନରେ ଛାଡ଼ିଲାବେଳେ ପରମେଶ୍ୱର କଣ ପାଇଁ ସତର୍କ କରାଇ ଥିଲେ?

9. ଯେ କୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଦିଅ **2x5=10**

(କ) 'ଜୀବନ ଥିଲେ ଭାଇ ପାତିବା ନାହିଁ ହାତ' - ପଠିତ ଗଳ୍ପ ଅବଲମ୍ବନରେ ଉକ୍ତିଟିର ଯଥାର୍ଥ୍ୟ ବିଚାର କର ।

(ଖ) ଗଦେଇ ଚରିତ୍ରର ବୈଶିଷ୍ଟ୍ୟ ନିରୂପଣ କର ।

(ଗ) ରାଓଙ୍କ ସ୍ମିତହାସ୍ୟ ପଛରେ କୋଉଁ କାରଣ ରହିଥିଲା?

(ଘ) ଦର୍ଶନ ଗଳ୍ପକୁ ଭିତ୍ତିକରି ଆମ ସମାଜରେ ପରିଲିକ୍ଷିତ ଦୁର୍ନୀତିର ସ୍ୱରୁପ ବିଶ୍ଳେଷଣ କର ।